# Akashvani, Sambalpur

## SAMBALPURI NEWS EVENING BULLETIN

## 30 September 2024- 7.02 pm- 7.12 pm.

**********************************************

୧- ଦେଶର୍ ୧୧ ହଜାର୍ ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ରକେ ଉଦ୍‌ଘାଟନ୍ କଲେ କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ।

୨- ୨ ଦିନିଆ ଝାଡ଼ଖଣ୍ଡ ଗସ୍ତଥି ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ସମବାୟ ସମିତିର୍ ସଶକ୍ତିକରଣ୍ ଲାଗି ୨ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ୍ ହେଲା ମୁଲ୍ ।

୪- ବରିଷ୍ଠ ଅଭିନେତା ମିଥୁନ୍ ଚକ୍ରବର୍ତୀଙ୍କୁ ୨୦୨୨ ବଛର୍ ଲାଗି ମିଲ୍‌ବା ଦାଦା ସାହେବ୍ ଫାଲ୍‌କେ ପୁରସ୍କାର୍ ।

ଆଉର୍

୫- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ହେଲା ଜନଅଭିଯୋଗ୍ ଶୁଣାଣି ।

ରାଷ୍ଟ୍ରୀୟ ପୋଷଣ୍ ମାସ        ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଦେଶେ ୧୧ ହଜାର୍ ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ରକେ ଆଏଜ୍ ଆଭାସୀ ଜରିଏ କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଉଦ୍‌ଘାଟନ୍ କରିଛନ୍ । ରାଂଚିଠାନେ ରାଷ୍ଟ୍ରୀୟ ପୋଷଣ୍ ମାସ୍‌ର ୭ ନମ୍ବର୍ ସଂସ୍କରଣ୍‌ର ଉଦ୍‌ଯାପନୀ ସମାରୋହଥି ଉଦ୍‌ବୋଧନ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ରକ୍ତହୀନତା, ସଚେତନତା, ପୋଷଣ୍ ଭି-ପଢ଼ାଇ ଭି, ବୈଷୟିକ ଜ୍ଞାନ୍ କୌଶଲ୍ ଭିତିକ ପଦକ୍ଷେପ୍ ଆର୍ ପୁଷ୍ଟିହୀନତା ଦୂର୍ କର୍‌ବାର୍ ଇ ମାସ୍ ପାଲନ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ । ପୋଷଣ୍ ମାସ ପାଲନ୍ ଅବ୍‌ସରେ ସାରା ଦେଶେ ୧୧ କୋଟିନୁ ଅଏତ୍‌କା କାର୍ଯ୍ୟକ୍ରମ୍ ହେଇଯାଇଛେ । ଅଙ୍ଗନବାଡ଼ି କେନ୍ଦ୍ରର୍ ସବୁ କର୍ମୀଙ୍କୁ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ଅନ୍ତର୍ଭୁକ୍ତ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କର୍ ନେତୃତ୍ୱାଧୀନ ବିକାଶ୍ ଉପ୍‌ରେ ଗୁରୁତ୍ୱାରୋପ କରିଛନ୍ ଆର୍ ଇ ଲକ୍ଷ୍ୟ ହାସଲ୍ ଲାଗି ବଜେଟ୍‌ଥି ଭିନ୍ ଭିନ୍ ଯୋଜ୍ନା ଅଧୀନ୍‌ଥି ୩ ଲାଖ୍ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ଝାଡ଼ଖଣ୍ଡ ରାଜ୍ୟପାଲ୍ ସନ୍ତୋଷ୍ କୁମାର୍ ଗଙ୍ଗାଓ୍ୱାର୍ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ- ଝାର୍ଖଣ୍ଡ ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ନୁ ୨ ଦିନିଆ ଝାର୍ଖଣ୍ଡ ଗସ୍ତଥି ଯାଇଛନ୍ । ପଶ୍ଚିମ ସିଂହଭୂମ ଜିଲ୍ଲାର ଜଗନ୍ନାଥପୁର୍ ନ ମୁଖ୍ୟମନ୍ତ୍ରୀ ପହଁଚିକରି ଦଲ୍ ତର୍ଫୁ ୨ ଟା ସଭାଥି ଯୋଗ୍ ଦେଇକରି ଆଏବା ନିର୍ବାଚନ୍‌କେ ନଜର୍‌ଥି ରଖି କରି ଦଲ୍ ପଖିଆଥି ପ୍ରଚାର୍ କରିଛନ୍ । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ଚାଇଁବାସାର ଟାଟା କଲେଜ୍ ମଇଦାନ୍ ନ ଜନସମାବେଶ୍‌କେ ସମ୍ବୋଧନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସମବାୟ ସମିତି-ସମୀକ୍ଷା ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ସମବାୟ ସମିତିର୍ ସଶକ୍ତିକରଣ୍ ଲାଗି ଆଏଜ୍‌ଠାନୁ ୨ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ନ ହେଇଥିବା ଇ ବୈଠକ୍‌କେ କେନ୍ଦ୍ର ସମବାୟ ମନ୍ତ୍ରଣାଲୟର୍ ଶାସନ୍ ସଚିବ ଆଶିଷ୍ ଭୁଟାନୀ ଆର୍ ରାଜ୍ୟମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଉଦ୍‌ଘାଟନ୍ କରିଛନ୍ । ଶ୍ରୀ ଭୂଟାନୀ ତାଙ୍କର୍ ଅଭିଭାଷଣ୍‌ଥି ସମବାୟ ସଶକ୍ତିକରଣ୍ ଲାଗି ନିଆଯାଇଥିବା ବହୁତ୍‌ଟେ ପଦକ୍ଷେପ୍ ବାବ୍‌ଦେ ଆଲୋକପାତ କରିଥିଲେ । କେନ୍ଦ୍ର ସର୍କାର୍

ଯେନ୍ ଯୋଜ୍ନା ଆର୍ କାର୍ଯ୍ୟକ୍ରମ୍ ପ୍ରଣୟନ୍ କରୁଛନ୍ । ସେଟା ସାଧାରଣ୍ ଲୁକ୍‌କର୍ ପାଖେ ପୁହୁଁଚବାର୍ ଦର୍‌କାର୍ । ଇଥିର୍‌ଲାଗି ପ୍ରାଥମିକ କୃଷି ସମବାୟ ସମିତିର୍ ସଶକ୍ତିକରଣ୍ ଜରୁରୀ ଆଏ । ସମବାୟ ସଶକ୍ତିକରଣ୍ ଲାଗି କେନ୍ଦ୍ର ସର୍‌କାର୍ ଯେନ୍ ରୋଡ୍‌ମେପ୍ ପ୍ରସ୍ତୁତ୍ କରିଛନ୍ । ସେଟାକେ ଧାରିଜ୍ ସମିଆ ଭିତ୍‌ରେ ପୁରା କର୍‌ବାର୍‌କେ ଶ୍ରୀ ଭୂଟାନୀ ଗୁରୁତ୍ୱ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ବୈଠକ୍‌ଥି ଦେଶର୍ ସବୁ ରାଜ୍ୟ ଆଉ ୪ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିନିଧିମାନେ ଯୋଗ୍ ଦେଇଛନ୍ । ଅଲ୍‌ଗା ମାନ୍‌କର୍ ଭିତ୍‌ରେ ଜାତୀୟ ଦୁଗ୍ଧ ବୋର୍ଡ଼୍, ଜାତୀୟ ମତ୍ସ୍ୟବୋର୍ଡ଼୍, ଭିନ୍ ଭିନ୍ ରାଜ୍ୟର୍ ସମବାୟ ବେଙ୍କ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍ ନାବାର୍ଡ଼୍‌ର ବରିଷ୍ଠ ଅଧିକାରୀ ମାନେ ଭିଲ୍ ବୈଠକ୍‌ଥି ଭାଗ୍ ନେଇଛନ୍ ।

ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ସମ୍ବଲପୁର

ଓଡ଼ିଶାକେ କୁପୋଷଣ ମୁକ୍ତ କର୍‌ବାର୍ ଲାଗି ଗାଁ ଗାଁ ନ ଜନସଚେତନତା ସୃଷ୍ଟି କର୍‌ବାର୍ ସଙ୍ଗେ ପୋଷଣ୍ ଅଭିଯାନ୍‌ଥି ତୃଣମୂଳ ସ୍ତର୍‌ର କର୍ମକର୍ତାମାନେ ମନ୍ ଦେଇକରି କାମ୍ କର୍‌ବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍‌ର ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ନ ହେଇଥିବା ରାଜ୍ୟସ୍ତରୀୟ

ପୋଷଣ ମାସ ୨୦୨୪ ଉତ୍ସବ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ କହିଛନ୍ ଯେ, ତୃଣମୂଳସ୍ତରର୍ କର୍ମକର୍ତାମାନେ ପୋଷଣ୍ ଅଭିଯାନ୍‌ର ଯୋଦ୍ଧା ଆନ୍ । ଜିଲ୍ଲାସ୍ତରୀୟ ଅପପୁଷ୍ଟି ସମସ୍ୟାର୍ ଆର୍ ନିରାକରଣ୍ ବିଷେ ଉପ୍‌ରେ ଖାସ୍ ଧିଆନ୍ ଦେବାର୍‌କେ ସେ କର୍ମକର୍ତାମାନ୍‌କୁ ପରାମର୍ଶ ଦେଇଛନ୍ । ପୋଷଣ୍ ଲାଗି ଆଂଚଲିକ୍ ଖାଦ୍ୟ ସଙ୍ଗେ ଖାଦ୍ୟ ବିବିଧତାକେ ପ୍ରାଧାନ୍ୟ ଦେବାର୍ ଲାଗି ଭିଲ୍ ସେ ଜୋର୍ ଦେଇଥିଲେ ।

ଭରତ୍‌ପୁର୍ ମାମ୍‌ଲା-ତଦନ୍ତ୍ ଆର୍‌ଏନ୍‌ୟୁ କଟକ୍

ଭରତ୍‌ପୁର୍ ମାମ୍‌ଲାର୍ ବିଚାର୍‌ବିଭାଗୀୟ ତଦନ୍ତ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ସର୍କିଟ୍ ହାଉସ୍ ଠାନେ ଜଷ୍ଟିସ୍ ଚିତରଞ୍ଜନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ପହେଲା ବୈଠକ୍ ଅନୁଷ୍ଠିତ୍ ହେଇଛେ । ବୈଠକ୍ ଉତ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ବିଚାର୍ ବିଭାଗୀୟ ତଦନ୍ତ କମିଶନ୍‌ଙ୍କର୍ ସଚିବ କହିଛନ୍ ଯେ, ଇ ଘଟ୍‌ନାଥି ସାମିଲ୍ ଥିବା ପକ୍ଷଙ୍କର୍‌ନୁ ସତ୍ୟପାଠ ମଗାଯାଇଛେ । ଆଏବା କାଏଲ୍ ଇ ବାବ୍‌ଦେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ବାହାର୍‌ବା । ୨୧ ଦିନ୍ ଭିତ୍‌ରେ ସତ୍ୟପାଠ ଦାଖଲ୍ କର୍‌ବାର୍‌କେ ପକ୍ଷଙ୍କୁ କୁହାଯିବା । ସତ୍ୟପାଠ ଯାଂଚ୍ ଉତ୍‌ରୁ ସାକ୍ଷ୍ୟ ଗ୍ରହଣ୍ ମୁଲ୍ ହେବା ବଲି ସେ କହିଛନ୍ ।

ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆର୍‌ଏନ୍‌ୟୁ/ କଟକ୍

ନୂଆଁ ଯୋଜ୍‌ନା ପ୍ରଣୟନ୍ ଆଉ ଆର୍ଥିକ୍ ସାହାଜ୍ ଜରିଏ ପଶୁପାଳକ ମାନ୍‌କର୍ କଲ୍ୟାଣ୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ଆର୍ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲକ୍ଷ୍ମୀସାଗର୍‌ଠାନେ ଆଏଜ୍ ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ୍‌ର ନୂଆଁ ସମ୍ମିଲନୀ କକ୍ଷକେ ଉଦ୍‌ଘାଟନ୍ କର୍‌ବାର୍ ଅବ୍‌ସରେ ସେ କହିଛନ୍ ଯେ, ରାଏଜେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି କେବିନେଟ୍ ଅନୁମୋଦନ୍ ଦେଇଛେ । ଇଟା ହେଲେ ଦୁଗ୍ଧ ଉତ୍ପାଦନ୍ ବଢ଼୍‌ବାର୍ ସହେତେ ଗୋ ବିକାଶ୍ ଆଉ ଗୋପାଳକଙ୍କର୍ ଆର୍ଥିକ୍ ଉନ୍ନତି ହେଇପାର୍‌ବା । ପାଖାପାଖି ୧୫ ଲାଖ୍ ଗୋପାଲକ୍ ଇ ଯୋଜ୍‌ନାଥି ଲାଭ୍ ପାଏବେ ବଲି ସେ କହିଛନ୍ । ଯୋଜ୍‌ନାର୍ ସଫଲ୍ ରୂପାୟନ୍ ଲାଗି ତାଲିମ୍ ଆର୍ ପ୍ରଶିକ୍ଷଣ୍‌କେ ଜୋର୍ ଦିଆଯାଉଛେ । ଇ ନୂଆଁକରି ତିଆର୍ ହେଇଥିବା ସମ୍ମିଲନୀ କକ୍ଷ ଇ ଦିଗେ ଖାସ୍ ଉପଯୋଗୀ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଯୋଗ୍ ଦେଇଥିଲେ ।

ମିଥୁନ୍ ଚକ୍ରବର୍ତ୍ତୀ-ଦାଦାସାହେବ୍ ଫାଲ୍କେ ପି.ଆଇ.ବି.

ବରିଷ୍ଠ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ୨୦୨୨ ବଛର୍ ଲାଗି ଦାଦାସାହେବ୍ ଫାଲ୍କେ ପୁରସ୍କାର୍ ଦିଆଯିବା । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ଇ ପୁରସ୍କାର୍ ଘୋଷ୍ନା କରିଛନ୍ । ଚଳଚ୍ଚିତ୍ର ଉଦ୍ୟୋଗ୍ର ପ୍ରତିଷ୍ଠିତ ବ୍ୟକ୍ତିଙ୍କର୍ ଭିତ୍ରୁ ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ସମ୍ମାନିତ୍ କର୍ବାର୍ଥି ଅତୁଳନୀୟ ଆନନ୍ଦ ଆର୍ ଗର୍ବ ହେଉଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ଆଏବା ମାସ ୮ ତାରିଖ୍ ମଙ୍ଗଲ୍ବାର୍ ଦିନ ହେବାର୍କେ ଥିବା ୭୦ ନମ୍ବର୍ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୍ ସମାରୋହଥି ଇ ପୁରସ୍କାର୍ ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଦିଆଯିବା ବଲି ସୂଚ୍ନା ମିଲିଛେ ।

ଜନଶୁଣାଣି

ସମ୍ବଲପୁର/ ବର୍ଗଡ଼୍/ ନୂଆପଡ଼ା/ ବୌଦ୍ଧ/ ଦେବ୍ଗଡ଼୍/ ସୁବର୍ଣ୍ଣପୁର୍

ସମ୍ବଲ୍ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର ମିଲିତ ଜନଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ । ଇଥି ମୋଟ୍ ୭୧ ଟା ଅଭିଯୋଗ୍ ଆସିଥିବାର୍

ବେଲେ ୧୨ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ବିଜେପୁର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜନ ଅଭିଯୋଗ୍ ଶୁଣାରି ଶିବିର ହେଇଯାଇଛେ । ଇ ଶିବିର୍‌ଥି ମୋଟ୍ ଶହେ ୬୦ ଟା ଅଭିଯୋଗ୍ ଭିତ୍‌ରୁ ଶହେ ୩୬ ଟା ବ୍ୟକ୍ତିଗତ ଆର୍ ୨୪ ଟା ସାମୂହିକ ଅଭିଯୋଗ୍ ଶୁଣାଣି କରିକରି ଇତାର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍‌ଙ୍କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ହେଇଯାଇଛେ । ଇ ଶିବିରଥି ଶହେ ୪୬ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ ବହିରା ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଜନଶୁଣାଣି ଶିବିରଥି ଦେଢ଼୍‌ଶହ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪୫ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ କଂଟାପାଲି ଗ୍ରାମ୍ ପଂଚାୟତ୍ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୮୧ ଟା

ଅଭିଯୋଗ୍ ଆସିଥିଲା । ଇତାର୍‌ଭିତ୍‌ରୁ ୫୦ ଟା ସାମୂହିକ୍ ଆର୍ ୩୧ ଟା ବ୍ୟକ୍ତିଗତ ଅଭିଯୋଗ୍ ହେଇଥିବା ଜନାପଡ଼ିଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିତ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇଥି ୨ ଶହ ୪୫ ଟା ଅଭିଯୋଗ୍ ଆସିଥିବାର୍ ବେଲେ ସେଥିର୍‌ଭିତ୍‌ରୁ ୨ ଶହ ୨୨ ଟା ବ୍ୟକ୍ତିଗତ ଆର୍ ୨୩ ଟା ସାମୂହିକ ଅଭିଯୋଗ୍ ଥିଲା ।

ଆନ୍ତର୍ଜାତିକ ଅନୁବାଦ୍ ଦିବସ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ ଅନୁବାଦ୍ ଦିବସ୍ । ଅନୁବାଦକ ଆଉ ଭାଷାବିତ୍ ମାନ୍‌କର୍ ଅମୂଲ୍ୟ ଯୋଗଦାନ୍ ଲାଗି ଫି ବଛର୍ ସେପ୍ଟେମ୍ବର୍ ୩୦ ତାରିଖ୍‌କେ ଅନୁବାଦ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଅନୁବାଦକ୍ ମାନେ ଆନ୍ତଃସାଂସ୍କୃତିକ ବାର୍ତାକେ ସୁବିଧାଜନକ୍ କର୍‌ବାର୍ ଆଉ ବୈଶ୍ୱିକ ବିକାଶ୍‌ଥି ଯୋଗଦାନ୍ ଦେବାର୍‌ଥି ବିଶ୍ୱ ଶାନ୍ତିକେ ତହଁକାବାର୍ ଲାଗି ମହତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ । ଇ ବଛ୍‌ରର୍ ଅନୁବାଦ୍ ଦିବସ୍‌ର ବାର୍ତା ହେଉଛେ 'ଅନୁବାଦ- ସଂରକ୍ଷଣର ଗୁଟେ କଳା ଆଉ ସ୍ୱଦେଶୀ ଭାଷା ଲାଗି ନୈତିକ ଆଉ ଭୌତିକ ଅଧିକାର୍' ।

ଇ ଦିବସ୍ ଅବ୍‌ସରେ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍‌କୁ ଶୁଭେଛା ଜନେଇଛନ୍ । ସାମାଜିକ

ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ମନ୍ତ୍ରୀ କହିଛନ୍ ଯେ, ଭାରତ୍ ବାଗିର୍ ବହୁଭାଷୀ ଦେଶେ ଅନୁବାଦ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସି ।

ଅବସର ଗ୍ରହଣ ଆର୍‌ଏନ୍‌ୟୁ/ସମ୍ବଲପୁର

ଦୂରଦର୍ଶନ୍ କେନ୍ଦ୍ର ସମ୍ବଲ୍‌ପୁର୍‌ର ଅଭିଯାନ୍ତ୍ରିକ ମୁଖ୍ୟ ପ୍ରଦୀପ୍ତ କୁମାର୍ ମିଶ୍ର ଆଏଜ୍ ଚାକିରୀନୁ ଅବସର ନେଇଛନ୍ । ସେ ୧୯୮୮ ମସିହାଥି ଚାକିରୀ ଜୀବନ୍ ମୁଲ୍ କରିକରି ଦୀର୍ଘ ୩୬ ବଛର୍ ଆକାଶ୍‌ବାଣୀ ଆର୍ ଦୂରଦର୍ଶନ୍ କେନ୍ଦ୍ର ମାନ୍‌କେ କାମ୍ କରିଥିଲେ ।

ସେନ୍ତା ଆକାଶ୍‌ବାଣୀ କେନ୍ଦ୍ର ରାଉର୍‌କେଲାର୍ କାର୍ଯ୍ୟକ୍ରମ୍ ମୁଖ୍ୟ ଆହ୍ଲାଦିନୀ ହୋତା ଆଏଜ୍ ଅବସର ନେଇଛନ୍ । ସେ ୧୯୯୪ ମସିହାଥି ଆକାଶ୍‌ବାଣୀ ଜୟପୁର୍ କେନ୍ଦ୍ରନୁ ତାଙ୍କର୍ ଚାକିରୀ ଜୀବନ୍ ମୁଲ୍ କରିଥିଲେ । ପଛେ ଆକାଶବାଣୀ ଭବାନୀପାଟ୍‌ନା, ବ୍ରହ୍ମପୁର୍ ଆର୍ ରାଉର୍‌କେଲା ନ କାମ୍ କରିଛନ୍ ।

ହିନ୍ଦୀ ପକ୍ଷ ପାଲନ୍-ଆକାଶବାଣୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ହିନ୍ଦୀ ପକ୍ଷ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ କେନ୍ଦ୍ରର କର୍ମଚାରୀମାନ୍‌କର୍ ଭିତ୍‌ରେ ହିନ୍ଦୀ ଭାଷାଥି ପତ୍ରଲିଖନ, ଅନୁବାଦ୍, ବକ୍ତୃତା ଆର୍ ପ୍ରଶ୍ନୋତର ପ୍ରତିଯୋଗିତା କରାଯାଇଥିଲା । କେନ୍ଦ୍ରର୍ ଅଭିଯାନ୍ତ୍ରିକ ମୁଖ୍ୟ ପ୍ରଦୀପ୍ତ କୁମାର୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ଉଦ୍‌ଯାପନୀ ସମାରୋହଥି ଅବସରପ୍ରାପ୍ତ ହିନ୍ଦୀ ପ୍ରାଧ୍ୟାପକ ଆର୍ ଅନୁବାଦକ ଡକ୍ଟର୍ ଜୟନ୍ତ କରଶର୍ମା ମୁଖିଆକୁନୁଆଁ ହିସାବେ ଯୋଗ୍ ଦେଇକରି କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କାର୍ ବାଂଟିଥିଲେ । ଇତାର୍‌ସଙ୍ଗେ କେନ୍ଦ୍ରର୍ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଭିଲ୍ ସମାରୋହଥି ଭାଷଣ୍ ଦେଇଥିଲେ । ହିନ୍ଦୀ ପ୍ରଭାରୀ କ୍ଷେତ୍ରମଣି ବିଭାର ଇ କାର୍ଯ୍ୟକ୍ରମ୍‌କେ ପରିଚାଳନା କରିଥିଲେ ।

ହୀରାକୁଦ୍ ଜଳଭଣ୍ଡାର୍          ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଳଭଣ୍ଡାର୍‌ର ଆଏଜ୍ ୬ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୭୭ ହଜାର୍ ୩ ଶହ ୫୬ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ ।  ସେନ୍ତା ଫି ସେକେଣ୍ଡ୍‌ଥି ୧ ଲାଖ୍ ୧୫ ହଜାର୍ ୪ ଶହ ୭୫ ଘନଫୁଟ୍ ପାଏନ୍ ଆସୁଛେ ।

ସଞ୍ଚର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୯ ଦଶ୍ମିକ୍ ୮/୫ ଫୁଟ୍ ରହିଛେ ।

ଖାଦ୍ୟ ଯୋଗାଣ୍ ମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ପାର୍ବଣ ଋତୁଥି ରାଏଜେ ଖାଦ୍ୟ ଅପମିଶ୍ରଣ କରୁଥିବା ଲୁକ୍କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଖାଦ୍ୟ ଯୋଗାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଖାସ୍ କରି ଗୁରସ୍ନୁ ତିଆରି ଦରବ୍ ଉପ୍ରେ କଡ଼ା ନଜର୍ ରଖାଯିବାର୍ ସଙ୍ଗେ ଭିନ୍ ଭିନ୍ ମିଠା ତିଆର୍ କରୁଥିବା ଲୁକ୍କର୍ ଉପ୍ରେ ଚଢ଼ଉ କରାଯିବା । ଅପମିଶ୍ରଣ୍ ହେଉଥିବା ପ୍ରମାଣ୍ ମିଲ୍ଲେ କାର୍ଯ୍ୟାନୁଷ୍ଠାନ୍ ନେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମ୍କେ କହିଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ରାଜ୍ୟନୁ ଫିରୁଥିବାର୍ ବେଲେ କେତେଟା ଜାଗା ନ ବର୍ଷା ହେଉଛେ । ଆଏବା କାଏଲ୍ ବର୍ଗଡ୍, ବଲାଙ୍ଗିର୍, ନୂଆପଡ଼ା ଆର୍ କଲାହାଣ୍ଡି ସହେତେ ୧୨ ଟା ଜିଲ୍ଲା ନ ବର୍ଷା ହେଇପାରେ । ଇତାକେ ନେଇକରି ଭୁବ୍ନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।